# କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

# ଓଡ଼ିଆରେ ବୈଷ୍ଣବ, ସାନ୍ତାଳୀରେ ମହେଶ୍ୱର



ବୈଷ୍ଣବ ଚରଣ ସାମଲ



ମହେଶ୍ୱର ସୋରେନ

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୁଭେଚ୍ଛା
- ୨୦୨୫ ମାର୍ଚ୍ଚ ୮ରେ ନୂଆଦିଲ୍ଲୀରେ ଦିଆଯିବ ପୁରସ୍କାର
- ୧ ଲକ୍ଷ ଅର୍ଥରାଶି ସହ ତାମ୍ରଫଳକ ପ୍ରଦାନ କରାଯିବ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ): ଘୋଷଣା ହୋଇଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର-୨୦୨୪। ଓଡ଼ିଶା ପାଇଁ ଖୁସିର କଥା କି, ଗତ ଥର ପରି ଏଥର ବି ଦୁଇଜଣ ପ୍ରତିଷ୍ଠିତ ଓଡ଼ିଆ ଲେଖକଙ୍କ ପୁସ୍ତକ ଦୁଇଟି ଭାଷା ବର୍ଗରେ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ଓଡ଼ିଆ ଭାଷାରେ ଖ୍ୟାତନାମା ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଏବଂ ସାନ୍ତାଳୀ ଭାଷାରେ ମହେଶ୍ୱର ସୋରେନ ଚଳିତ ବର୍ଷର ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନେଇ ଆଜି କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଏହାପରେ ଉଭୟ ଲେଖକଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି। 'ଏକ୍ସ'ରେ ଶୁଭେଚ୍ଛା ଜଣାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଆ ସାହିତ୍ୟରେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରି ଓଡ଼ିଶାକୁ ଗର୍ବିତ କରିଥିବାରୁ ପ୍ର. ସାମଲଙ୍କୁ ଧନ୍ୟବାଦ।

୨୦୨୦ରେ ପ୍ରକାଶିତ ପ୍ରବନ୍ଧ ପୁସ୍ତକ 'ଭୂତି ଭକ୍ତି ବିଭୂତି' ଲାଗି ପ୍ର. ସାମଲ ଏହି ପୁରସ୍କାର ପାଇବେ। ପୁସ୍ତକଟି ଏକ ଉଚ୍ଚକୋଟୀର ଚିନ୍ତାମୂଳକ ପ୍ରବନ୍ଧ ପୁସ୍ତକ, ଯାହା ଆଧ୍ୟାତ୍ମିକ ଚିନ୍ତନ, ବିଶ୍ୱଦୃଷ୍ଟି, ମାନବିକ ଭାବଭାବନାରେ ସୁରଭିତ ହୋଇଛି। ସେହିପରି ୨୦୧୮ରେ ପ୍ରକାଶିତ ନାଟ୍ୟ ପୁସ୍ତକ 'ସେଚେଦ୍ ସାୱ୍ରା ରେନ୍ ଅଞ୍ଜ ମାନ୍ମୀ' ପାଇଁ ମହେଶ୍ୱର ସୋରେନ ପୁରସ୍କୃତ ହେବେ। ▸ଭିତରେ

## ଓଡ଼ିଆରେ ବୈଷ୍ଣବ...

ଆସନ୍ତା ୨୦୨୫ ମସିହା ମାର୍ଚ୍ଚ ୮ ତାରିଖରେ ନୂଆଦିଲ୍ଲୀର କାମାନୀ ଅଡିଟୋରିୟମରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ କହିଛନ୍ତି। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ତାମ୍ରଫଳକ, ଶାଲ୍ ସହ ୧ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଚଳିତ ଥର ଓଡ଼ିଆ ଭାଷା ପୁରସ୍କାର ଚୟନ କମିଟିରେ ବିଚାରକ ଥିଲେ; ଦେବଦାସ ଛୋଟରାୟ, ଶରତ୍ କୁମାର ଆଚାର୍ଯ୍ୟ ଓ ପାରମିତା ଶତପଥୀ। ସେହିପରି ସାନ୍ତାଳୀ ଭାଷା ପୁରସ୍କାର ଚୟନ କମିଟିରେ ବିଚାରକ ଥିଲେ; ବାଦଲ ହେମ୍ବ୍ରମ୍, ଦୁଲାଙ୍ଗିନୀ ମୁର୍ମୁ ଓ ଶ୍ୟାମ ବେସ୍ରା। ଆଜି ସାହିତ୍ୟ ଏକାଡେମୀ ସଭାପତି ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ବିଚାରକମଣ୍ଡଳୀଙ୍କ ଦ୍ୱାରା ମନୋନୀତ ୨୧ଟି ଭାଷାରେ ପୁରସ୍କାରକୁ କାର୍ଯ୍ୟକାରୀ ପରିଷଦ ଅନୁମୋଦନ କରିଥିଲେ। ଓଡ଼ିଆରେ ୧୪ଟି ପୁସ୍ତକ ଏବଂ ସାନ୍ତାଳୀରେ ୧୦ଟି ପୁସ୍ତକ ଆବେଦନ ହୋଇଥିଲା।

### ପ୍ରକୃତ ଭଲ ପାଇବା କ'ଣ ଆଜି ଅନୁଭବ କରୁଛି: ପ୍ରଫେସର ସାମଲ

ଆଜି ଏହି ଖବର ପାଇବା ପରେ ଖୁସି ଓ ଆନନ୍ଦିତ ବୋଲି ପ୍ରଫେସର ବୈଷ୍ଣବ ଚରଣ ସାମଲ କହିଛନ୍ତି। ସେ କହିଛନ୍ତି, ଜୀବନ ମୋତେ ୮୫ ବର୍ଷ ଟପେଇ ରଖିଥିଲେ ଏବଂ ଶୁଭ ଖବର ଦେଲେ ପୁରସ୍କାର ପାଇବି ବୋଲି। କିନ୍ତୁ ମୁଁ ମୋ ଆଦର୍ଶରେ ରହିଛି। କେବେ ପୁରସ୍କାର ବିଷୟରେ କିଛି ଚିନ୍ତା କରିନି। ସେହି ଅର୍ଥରେ ଲେଖିନି, କେବଳ ଶ୍ରୀଜଗନ୍ନାଥଙ୍କୁ ନେଇ ମନରେ ଆସିଥିବା ଅନେକ କଥା ଲେଖିଛି। ଆମ ସଂସ୍କୃତିର କଥାକୁ ଲେଖିଛି। ସବୁକିଛି ଈଶ୍ୱରଙ୍କ ଆଶୀର୍ବାଦ, ସବୁ ସେ କରୁଛନ୍ତି। ଆଜି ବହୁତ ଲୋକଙ୍କଠୁ ଶୁଭେଚ୍ଛା ଓ ଅଭିନନ୍ଦନ ପାଇଲା ପରେ ଗୋଟିଏ କଥା ଅନୁଭବ କରୁଛି, ଭିତରେ ଭିତରେ ପ୍ରକୃତ ଭଲ ପାଇବା ଭରି ହୁଉଛି। ଭଲ ପାଇବା କ'ଣ ତାକୁ ଅନୁଭବ କରୁଛି ବୋଲି ସେ କହିଛନ୍ତି।

୧୯୩୮ ଜାନୁଆରୀ ୭ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ବାରିଣି ଠାରେ ଜନ୍ମିତ ପ୍ରଫେସର ସାମଲ ଜଣେ ଉଚ୍ଚମୂଲ୍ୟବୋଧସମ୍ପନ୍ନ ପ୍ରବନ୍ଧ ଓ ସମାଲୋଚକ ଭାବରେ ସୁଖ୍ୟାତ। ସେ ୧୯୬୪ ମସିହାରୁ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ଲେଖି ଆସୁଛନ୍ତି। ପିଲାଟି ଦିନରୁ ସେ ମାଟି, ମାନବ ଓ ସଂସ୍କୃତି ମନସ୍କ। ସାରସ୍ୱତ ସାଧନା ପ୍ରତି ସର୍ବାଧିକ ଆଗ୍ରହ। ଏମ୍.ଏ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହେଲାପରେ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା ବୃତ୍ତି ନିର୍ବାହ। ସରକାରୀ ବୃତ୍ତିରୁ ବିଦାୟ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଶାନ୍ତିନିକେତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କରି ୨୦୦୪ରେ ଅବସର ଗ୍ରହଣ କରିଛନ୍ତି। ପ୍ରାୟ ୧୩୦ ଖଣ୍ଡ ପୁସ୍ତକର ସେ ପ୍ରଣେତା। 'ଓଡ଼ିଶା ସାହିତ୍ୟର ଇତିହାସ', 'ଓଡ଼ିଆ ଶୁଦ୍ରଭକ୍ତର ଇତିବୃତ୍ତ', 'ଓଡ଼ିଆ ଗଳ୍ପ: ଉନ୍ମେଷ ଓ ଉତ୍ତରଣ', 'ଗଳକବି ସାହିତ୍ୟ ସମୀକ୍ଷା', 'ସମୀକ୍ଷାଲୋକ', 'ସମାଲୋଚନା: ସ୍ୱର ଓ ସ୍ୱାକ୍ଷର', 'ସମାଲୋଚନା: ମଧ୍ୟ ପର୍ବ' ଆଦି ନାନା ସମୀକ୍ଷା ପୁସ୍ତକ ସହିତ କେତେକ ରମ୍ୟ ରଚନା, କବିତା, ଶିଶୁ ସାହିତ୍ୟ, ଧର୍ମ ସାହିତ୍ୟ ରଚନା କରିଥିବା ବେଳେ ଅନେକ ଦୁଷ୍ପ୍ରାପ୍ୟ ଗ୍ରନ୍ଥ ସମ୍ପାଦନା ତାଙ୍କ ସାରସ୍ୱତ ପ୍ରତିଭା ଓ ବ୍ୟକ୍ତିତ୍ୱର ନିଦର୍ଶନ। 'ଜଣେ ବଣ ଦାସଙ୍କର କାହାଣୀ' ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ଅନୁଭାବନା ଗ୍ରନ୍ଥ।

### ଏତେ କମ୍ ବୟସରେ ପାଇବି ଭାବିନଥିଲି: ସୋରେନ

ବହୁତ ଖୁସି ଲାଗୁଛି। ବେଶୀ ଖୁସି ଲାଗୁଛି ଯେ, ଏତେ କମ୍ ବୟସରେ ଏତେ ବଡ଼ ପୁରସ୍କାର ପାଇଛି। କେବେ ଭାବିନଥିଲି ଯେ ମତେ ଏହି ସମୟରେ ପୁରସ୍କାର ମିଳିବ ବୋଲି କହିଛନ୍ତି ମହେଶ୍ୱର ସୋରେନ। ୧୯୮୦ ଜାନୁଆରୀ ୧୮ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ଉଦଳାସ୍ଥିତ କମୁଡ଼ିହା ଠାରେ ଜନ୍ମିତ ଶ୍ରୀ ସୋରେନ ୪ଟି ପୁସ୍ତକ ଏବଂ ୩ଟି ଫିଲ୍ମର କାହାଣୀ ଲେଖିଛନ୍ତି। ତାଙ୍କର ଏହି ପୁରସ୍କାର ପାଇବାକୁ ମନୋନୀତ ନାଟ୍ୟ ପୁସ୍ତକ 'ସେଚେଦ୍ ସାୱ୍ରା ରେନ୍ ଅଞ୍ଜ ମାନ୍ମୀ'ରେ ସେ ଶିକ୍ଷିତ ସମାଜର ଅଭିମାନଙ୍କ କଥାକୁ ବର୍ଣ୍ଣନା କରିଛନ୍ତି। ଏହା ପୂର୍ବରୁ ସେ କବିତା ପୁସ୍ତକ 'ଶିକାରିଆ', ନାଟ୍ୟ ପୁସ୍ତକ 'ମାରେ ଜଣ୍ଡା ଧରମ ଦରବାର', ପ୍ରବନ୍ଧ ପୁସ୍ତକ 'କାରାମ ବିନ୍ତି' ରଚନା କରିଛନ୍ତି। ଏବେ ଶ୍ରୀ ସୋରେନ ମାହାଙ୍ଗା ବ୍ଲକ ଜଗତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ଅଧିକାରୀ ଅଛନ୍ତି। ୩ଟି ଫିଲ୍ମର ନାଁ ହେଲା 'ଦୁଲାର ମାଛା' ଓ 'ଧରମ ଦରବାର'।